# ପୌର ପରିଷଦ, ଫୁଲବାଣୀ

ଫୁଲବାଣୀ (ଓଡିଶା), ପିନ କୋଡ -୭୬୨୦୦୧

ଟେଲିଫୋନ ନମ୍ବର- ୦୬୮୪୨-୨୫୩୬୧୯, ଫ୍ୟାକ୍ସ ନମ୍ବର – ୦୬୮୪୨-୨୫୩୬୧୯

ଇ ମେଲ- municipality. plb@rediffmail.com

ପତ୍ର ସଂଖ୍ୟା:- ୫୪ ଟା ...୦୭.୦୧.୨୦୨୧...ରିଖ

## ବିଜ୍ଞାପନ

ସରକାରଙ୍କ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା, (SUDA) ଭୁବନେଶ୍ୱର ବିଭାଗ ପତ୍ର ସଂଖ୍ୟା ୩୨୯୧ ତା ୧୦.୧୨.୨୦୨୦ ଅନୁଯାୟୀ, ଫୁଲବାଣୀ ପୌର ପରିଷଦ ଅଧିନସ୍ଥ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସ୍ୱୟଂ ସହାୟକ ଗୋଷ୍ଠୀର ଯେ କୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ନିଜ ୱାର୍ଡରେ ଜଳ କର ଆଦାୟ ନିମନ୍ତେ ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ ଫୁଲବାଣୀ ପୌରପାଳିକରେ ଆବେଦନ କରିବେ । ଦରଖାସ୍ତଟି ତା ୧୩.୦୧.୨୦୨୧ ରିଖ ଅପରାହ୍ନ ୧ ଘଟିକା ସୁଦ୍ଧା ଫୁଲବାଣୀ ପୌରପାଳିକା ବାକ୍ସରେ ପକାଇପାରିବେ। କୌଣସି ଦରଖାସ୍ତ ସିଧାସଳଖ ହାତରେ ଗ୍ରହଣ କରାଯିବ ନାହିଁ।

<u>ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା</u> :-

(୧) ଆବେଦନକାରୀଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।

(୨) ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହୋଇଥିବେ।

(୩) ଆବେଦନକାରୀ ନ୍ୟୁନତମ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।

(୪) ଆବେଦନକାରୀ ୨ ବର୍ଷ ଧରି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ।

(୫) ଆବେଦନକାରୀଙ୍କ ନାମରେ ବ୍ୟାଙ୍କ ଖାତା ଓ ଏ. ଟି. ମ. (ATM) ଥିବା ଆବଶ୍ୟକ।

(୬) ଆବେଦନକାରୀଙ୍କ ନାମରେ ବ୍ୟକ୍ତିଗତ ସ୍ମାର୍ଟ ଫୋନ ଥିବା ଆବଶ୍ୟକ।

(୭) ଆବେଦନକାରୀ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନଥିବେ ।

(୮) ଆବେଦନକାରୀଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନଥିବ ।

ନିର୍ବାହୀ ଅଧିକାରୀ
ପୌରପାଳିକା, ଫୁଲବାଣୀ

ପରିପତ୍ର ସଂଖ୍ୟା ......୫୫...... ଟା ......୦୭.୦୧.୨୦୨୧......

ଏହି ବିଜ୍ଞପ୍ତିର ନକଲ ପୌର ପାଳିକାର ୱେବ ସାଇଟ ଓ ବିଜ୍ଞାପନ ଫଳକ, ସମନ୍ବିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବିଜ୍ଞାପନ ଫଳକ ଏବଂ PHEO ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଏହାର ଏକାକିତ ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ / ସହକାରୀ ନିର୍ବାହୀ ଯନ୍ତ୍ରୀ (PHEO), ଫୁଲବାଣୀ / ଫୁଲବାଣୀ ପୌର ପାଳିକାର ସମସ୍ତ ଗୋଷ୍ଠୀ ସଙ୍ଗଠିକାଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ନିର୍ବାହୀ ଅଧିକାରୀ
ପୌରପାଳିକା, ଫୁଲବାଣୀ